ଶନିବାର ,୧୫ ଜାନୁୟାରୀ, ୨୦୨୨

# ପିଲାଙ୍କ ଧରିତ୍ରୀ



୬ କବିତା

୩

୭ ଜଣା ଅଜଣା

୮ ଆଇନା

# ଶାସ୍ତ୍ରର ଲିଖନ

## ଗପ

ଜଣେ ଲୋକର ଗୋଟିଏ କାକୁଡ଼ିବାଡ଼ି ଥିଲା। ତା' ବାଡ଼ିରେ ଏକ ଷଣ୍ଢ ପଶି ସବୁଦିନ କିଛି କିଛି କାକୁଡ଼ି ଗଛ ଖାଇ ଯାଉଥିଲା। ଦିନେ କାକୁଡ଼ିବାଡ଼ିର ମାଲିକ ଷଣ୍ଢକୁ ଦେଖିଦେଲା। ସିଏ ଗୋଟିଏ ଠେଙ୍ଗା ଧରି ହଃ ହଃ କହି ଷଣ୍ଢ ପାଖକୁ ଯାଇ ତାକୁ ଦି' ଠେଙ୍ଗା ପିଟିଦେଲା। ଏଥିରେ ଷଣ୍ଢ ରାଗିଯାଇ ସଅଁ ସଅଁ ହୋଇ ଲୋକଟାକୁ ଭୁସି ଦେବା ପାଇଁ ଗୋଡ଼ାଇଲା।

ଲୋକଟା ଜୀବନ ବଞ୍ଚାଇବା ପାଇଁ ଧାଇଁ ଧାଇଁ ଗୋଟେ ବାଘ ପାଖରେ ପହଞ୍ଚିଲା। କହିଲା– ବାଘମାମୁ! ଏ ଷଣ୍ଢଟା ମୋ କାକୁଡ଼ିବାଡ଼ିରେ ପଶି ସବୁ ଗଛ ଖାଇଯାଉଛି। ତମେ ତାକୁ ଖାଅ। ବାଘ କହିଲା–ଆରେ, ତାକୁ ପଛେ ଖାଇବି। ମତେ ଭାରି ଭୋକ। ତୁ, ଆ...ତତେ ଆଗ ଖାଇବି।

ଲୋକଟା ଜୀବନ ଘେନି ପୁଣି ଧାଇଁଲା। ମଲି ମଲି, ରକ୍ଷା କର କହି କହି ଯାଇ ଗୋଟେ ସିପାହି ପାଖରେ ପହଞ୍ଚିଲା। କହିଲା–ଭାଇ, ଗୋଟେ ଷଣ୍ଢ ମୋ ବାଡ଼ିରେ ପଶି ସବୁ ଖାଇ ଦେଉଥିଲା। ମୁଁ ତାକୁ ବାଡ଼ାଇବାରୁ ସେ ମୋତେ ମାରିବା ପାଇଁ ଗୋଡ଼େଇଲା। ଗୋଟେ ବାଘ ପାଖରେ ଯାଇ ଶରଣ ପଶିଲି ଯେ ବାଘ ମତେ ଖାଇଦେବ ବୋଲି କହିଲା। ତମେ ମତେ ରକ୍ଷାକର। ସିପାହି କହିଲା– ଷଣ୍ଢ ମହାଦେବଙ୍କ ବାହନ। ତୁ ତାକୁ କାହିଁକି ମାରିଲୁ? କାହିଁକି ପାପ କଲୁ? ଆ...ତତେ ମୁଁ ମୋର ବର୍ଚ୍ଛାରେ ଭୁସିଦେବି।

ଲୋକଟି ସେଠୁ ଜୀବନ ବିକଳରେ ଧାଇଁ ଧାଇଁ ଯାଇ ରାଜାଙ୍କ ପାଖରେ ପହଞ୍ଚି ସବୁକଥା କହିଲା– ମତେ ମଣିମା ରକ୍ଷାକର। ରାଜା କହିଲେ, ତୁ ପାପୀ। ମୋ ରାଜ୍ୟରେ ତୁ ଦେବଦେବ ମହାଦେବଙ୍କ ଷଣ୍ଢକୁ ପିଟିଲୁ। ମହାପାପ କଲୁ। ରହ ତୋ ବେକକୁ ମୁଁ ଖଣ୍ଡାରେ ହାଣିଦେବି।

ଲୋକଟି ସେଠୁ ତ୍ରାହି ତ୍ରାହି ଡାକି ଡାକି ଯାଇ ଜଣେ ଋଷିଙ୍କ ପାଖରେ ପହଞ୍ଚିଲା।



ପୂର୍ବସବୁ କଥା କହିଲା। ଋଷି କହିଲେ–ଦେଖ, ଯାହାର ଶିଙ୍ଗ ଅଛି, ଯାହାର ବଡ଼ ବଡ଼ ଗୋଜିଆ ନଖ ଓ ଦାନ୍ତ ଅଛି, ତା'ର ପାଖ ପଶିଲେ ଦିନେନା ଦିନେ ନିଶ୍ଚୟ ବିପଦ ପଡ଼ିବ। ଏହା ଶାସ୍ତ୍ରର ଲିଖନ। ତେଣୁ ଏମାନଙ୍କ ପାଖରୁ ସର୍ବଦା ଦୂରରେ ରହିବା ନିରାପଦ।

ଲୋକଟି ଭାବିଲା, ସତକଥା ! ସେ ଚୁପଚାପ୍ ଘରକୁ ପଳେଇଲା।

**–ରାମଚନ୍ଦ୍ର ସେଠୀ**
ହାତୀମୁଣ୍ଡା, ବାଣପୁର, ଖୋର୍ଦ୍ଧା

## ଖିଲି ଖିଲି ହସ

**(ପିଣ୍ଟୁ ଏବଂ ଶିକ୍ଷୟିତ୍ରୀଙ୍କ ମଧ୍ୟରେ କଥାବାର୍ତ୍ତା....)**

**ଶିକ୍ଷୟିତ୍ରୀ:** ପିଣ୍ଟୁ, ତୁମେ ହୋମ୍ ୱାର୍କ କାହିଁକି କରିନ ?

**ପିଣ୍ଟୁ:** ମାମ୍! କଥା କ'ଣ କି...ମୁଁ ଏଥର ହୋଟେଲରେ ରହୁଛି।

**ଶିକ୍ଷୟିତ୍ରୀ:** ସେଠୁ କ'ଣ ହେଲା ?

**ପିଣ୍ଟୁ:** ମାମ୍! ହୋଟେଲରେ ରହି ହୋମ୍ ୱାର୍କ କେମିତି କରିବି ? ଆପଣଙ୍କୁ ଏଥର ମୋତେ ହୋଟେଲ ୱାର୍କ ଦେବାକୁ ପଡ଼ିବ। ତା'ହେଲେ ଯାଇ ସବୁ ପାଠ ମୁଁ ଠିକ୍‌ରେ କରିଦେବି।

**(ପୁଅକୁ ବାପାଙ୍କ ପ୍ରଶ୍ନ...)**

**ବାପା:** ପୁଅ କହିଲୁ, ସରକାରୀ ସ୍କୁଲର ଶିକ୍ଷକଙ୍କୁ ଇଂଲିଶ୍‌ରେ କ'ଣ କୁହାଯାଏ ?

**ପୁଅ:** g s t

**ବାପା(ରାଗରେ):** ମୂର୍ଖ! ଏଇ ସାଧାରଣ ପ୍ରଶ୍ନର ଉତ୍ତର ତତେ ଆସୁନି। କି ପାଠ ପଢ଼ୁଛୁ ?

**ପୁଅ:** ବାପା, ସତରେ...ମୁଁ କିଛି ବି ଭୁଲ୍ କହିନି। 'g s t' ର ଅର୍ଥ ହେଉଛି government school teacher ।

**(ବାପା ପୁଅକୁ ବୁଝାଇବା ସମୟରେ...)**

**ବାପା:** ଦେଖ ପୁଅ ! ଜୁଆ ଖେଳିବା ଆଜିଠାରୁ ଛାଡ଼ିଦେ।

**ପୁଅ:** କାହିଁକି ବାପା ?

**ବାପା:** ଜୁଆ ଖେଳିବା ଆଦୌ ଭଲ ନୁହଁ। ଏହି ଖେଳରେ ଆଜି ଜିତିବୁ, କାଲି ହାରିବୁ, ପୁଣି ତା' ପର ଦିନ ଜିତିବୁ, ପୁଣି ହାରିବୁ.....ଇଏ ଏମିତି ଚାଲିଥିବ।

**ପୁଅ:** ଠିକ୍ ଅଛି ବାପା। ମୁଁ ତମ କଥା ମାନି ଏଥର ଗୋଟେ ଗୋଟେ ଦିନ ଛାଡ଼ିକି ଖେଳିବି। ଖେଳରେ ଆଉ ଜମା ବି ହାରିବିନି, ସବୁବେଳେ ଜିତିବି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ରଙ୍ଗ ଦିଅ



## ମତାମତ

- ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ପ୍ରକାଶିତ 'ଜଣା ଅଜଣା' ଏବଂ 'ଏଥରର ପ୍ରଶ୍ନ' ସ୍ତମ୍ଭରୁ କିଛି ନୂଆ କଥା ଶିଖିବାକୁ ମିଳୁଛି।
  **– ପ୍ରୀତି ପଲ୍ଲବୀ, ଚିତ୍ରକୋଣ୍ଡା, ମାଲକାନଗିରି**
- ପୃଷ୍ଠା–୩ରେ ପ୍ରକାଶିତ ପିଲାଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ /ପ୍ରଚ୍ଛଦ ପ୍ରସଙ୍ଗ ବିଷୟରେ ପଢ଼ି ଭଲ ଲାଗିଲା।
  **– ବିଶ୍ୱନାଥ ପାଇକରାୟ, ଦାରିଙ୍ଗବାଡ଼ି, କନ୍ଧମାଳ**
- ଏଥରର 'ତୁମ ତୂଳୀରୁ' ସ୍ତମ୍ଭରେ କୁନି କୁନି ପିଲାଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡ଼ିକ ବେଶ୍ ଆକର୍ଷଣୀୟ ହୋଇଥିଲା।
  **– ମୌସୁମୀ ମହାପାତ୍ର, ଧର୍ମଗଡ଼, କଳାହାଣ୍ଡି**
- ପ୍ରକାଶିତ 'ଖୁଦଭଜାରେ ସ୍ୱାଗତ' ଗପଟି ଶିକ୍ଷଣୀୟ ହୋଇଛି। 'ଚଗଲା ଭୀମୁ' ପଢ଼ିବାକୁ ବି ମଜା ଲାଗୁଛି।
  **–ନଳିନୀ ଦେବୀ ମହାନ୍ତି, ବାଙ୍କୀ, କଟକ**
- ପ୍ରଥମ ପୃଷ୍ଠାର 'ଲେଆଉଟ୍ ଡିଜାଇନ୍'ଟି ସୁନ୍ଦର ହୋଇଥିଲା।
  **–ସୁରେଶ ସିଂ, ଭୋଗରାଇ, ବାଲେଶ୍ୱର**

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡ଼ିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ଟି ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com


## ଚଗଲା ଭୀମୁ



# ମହାପୁରୁଷଙ୍କ ପିଲାଦିନ

ମହାପୁରୁଷଙ୍କ କାହାଣୀରୁ ଆମେ ଅନେକ କିଛି ଶିଖିବାକୁ ପାଉ। ଜୀବନରେ ନାନା ଅସୁବିଧା ଆସିଥିଲେ ବି ସେମାନେ କେବେ ଭାଙ୍ଗି ନ ପଡ଼ି ଲକ୍ଷ୍ୟ ହାସଲରେ ବ୍ରତୀ ଥିଲେ। ଏଠାରେ କେତେଜଣ ମହାପୁରୁଷଙ୍କ ପିଲାବେଳର ସଂଘର୍ଷ କାହାଣୀକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...


## ପଢ଼ା ପାଇଁ ସାଜିଥିଲେ ଶ୍ରମିକ



**ବ୍ୟା**ସକବି ଫକୀରମୋହନ ସେନାପତି ଓଡ଼ିଆ କଥା ସାହିତ୍ୟର ଜନ୍ମଦାତା। ରେବତୀ, ଛ'ମାଣ ଆଠଗୁଣ୍ଠ, ପେଟେଣ୍ଟ ମେଡ଼ିସିନ ଇତ୍ୟାଦି ତାଙ୍କର କାଳଜୟୀ ସୃଷ୍ଟି। ତେବେ ଜାଣିଛ କି, ପିଲାଦିନେ ସେ କିପରି ଅଭାବରେ ରହି ପାଠ ପଢ଼ି ସମାଜରେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ। ଫକୀରମୋହନଙ୍କ ପ୍ରକୃତ ନାମ ଥିଲା ବ୍ରଜମୋହନ। ସେ ଦେଢ଼ବର୍ଷର ହୋଇଥିବା ବେଳେ ତାଙ୍କ ବାପା ଲକ୍ଷ୍ମଣ ଚରଣ ସେନାପତି ଏବଂ ୩ ବର୍ଷ ବୟସରେ ମା' ତୁଳସୀ ଦେବୀଙ୍କର ମୃତ୍ୟୁ ହୋଇଥିଲା। ସେବେଠୁ ସେ ଜେଜେମା' କୁଚିଲା ଦେବୀଙ୍କ ପାଖରେ ବଢ଼ିଆସୁଥିଲେ। ୯ ବର୍ଷ ବୟସରେ ସେ ଅକ୍ଷର ଶିଖିଥିଲେ। ପଇସା ଅଭାବରୁ ସେ ଶିକ୍ଷକଙ୍କ ଘରେ ରହି କାମକରି ପାଠ ପଢୁଥିଲେ। ଅଧିକ ପଢ଼ିବା ଓ ନୂଆ ଜିନିଷ ଶିଖିବା, ଜାଣିବା ପାଇଁ ସବୁବେଳେ ତାଙ୍କ ମନରେ ଉତ୍କଣ୍ଠା ଥିଲା। ଟଙ୍କା ପାଇଁ ତାଙ୍କୁ ଶ୍ରମିକ ଭାବେ ବାଲେଶ୍ୱର ବନ୍ଦରରେ ମଧ୍ୟ ଖଟିବାକୁ ପଡ଼ିଥିଲା। ସେଠାରେ ସେ ବଙ୍ଗଳା ଏବଂ ସଂସ୍କୃତ ଭାଷା ଶିଖିଥିଲେ। ବାଲେଶ୍ୱରର ବାରବାଟୀ ସ୍କୁଲରେ ପଢୁଥିବା ସମୟରେ ନିଜ ପ୍ରତିଭା ଦ୍ୱାରା ସେ ଶିକ୍ଷକମାନଙ୍କ ପ୍ରିୟଛାତ୍ର ହୋଇପାରିଥିଲେ। କିନ୍ତୁ ସ୍କୁଲର ମାସିକ ଦେୟ (୨୫ ପଇସା) ଦେଇ ନ ପାରି ଅଧାରୁ ପାଠପଢ଼ା ଛାଡ଼ିଥିଲେ। ତଥାପି ନିଜ ଉଦ୍ୟମ ଓ ଲେଖା ବଳରେ ସେ ସମାଜରେ ପ୍ରତିଷ୍ଠିତ ହୋଇପାରିଲେ।



## ୧୬ ବର୍ଷରେ ସୃଷ୍ଟିକଲେ ନିଜ ଥିଓରି



**ଆ**ଲବର୍ଟ ଆଇନ୍‌ଷ୍ଟାଇନଙ୍କ ବିଷୟରେ କିଏ ଅବା ନ ଜାଣେ। ନୋବେଲ ପୁରସ୍କାର ବିଜେତା ଆଇନ୍‌ଷ୍ଟାଇନଙ୍କୁ ଭୌତିକ ବିଜ୍ଞାନର ଜନକ କୁହାଯାଏ। ତେବେ ତାଙ୍କ ପିଲାଦିନ ଥିଲା ବହୁ ରୋମାଞ୍ଚକର। ବାପା ହେରମାନ ଆଇନ୍‌ଷ୍ଟାଇନ ଜଣେ ଇଞ୍ଜିନିୟର ଥିବା ବେଳେ ମା' ପାଉଲିନ କୋଚ୍ ଥିଲେ ଗୃହିଣୀ। ଆଇନ୍‌ଷ୍ଟାଇନ ମ୍ୟୁନିଚ୍‌ସ୍ଥିତ କ୍ୟାଥୋଲିକ୍ ଏଲିମେଣ୍ଟାରି ସ୍କୁଲରେ ପଢୁଥିଲେ। ଯେତେବେଳେ ତାଙ୍କୁ ୫ ବର୍ଷ ସେ ଏକ କମ୍ପାସ୍ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କମ୍ପାସ୍‌ରେ ଥିବା କଣ୍ଟାଟି କିପରି ଅଦୃଶ୍ୟ ଶକ୍ତିରେ ଘୁରୁଥିଲା ତାହା ତାଙ୍କୁ ଚକିତ କରିଦେଉଥିଲା। ଯେତେବେଳେ ତାଙ୍କୁ ୧୨ ବର୍ଷ ହେଲା ସେତେବେଳେ ସେ ଏକ ଜ୍ୟାମିତି ବହି ପାଇଥିଲେ, ଯାହାକୁ ବାରମ୍ବାର ପଢ଼ିବାକୁ ସେ ଭଲ ପାଉଥିଲେ। ଏକ ଛୋଟ ରଶ୍ମି ପଡ଼ିବା ପୂର୍ବରୁ ସମାନ ବେଗରେ ସେହି ସ୍ଥାନରେ ଯାଇ ପହଞ୍ଚି ହେବ କି ନାହିଁ ତାହା ଖୋଜିବାକୁ ଲାଗିଲେ। ମାତ୍ର ୧୬ ବର୍ଷ ବୟସରେ ସେ 'ଅନ୍ ଦି ଇନ୍‌ଭେଷ୍ଟିଗେଶନ ଅଫ୍ ଦି ଷ୍ଟେଟ ଅଫ୍ ଦି ଇଥର ଇନ୍ ମ୍ୟାଗନେଟିକ୍ ଫିଲ୍ଡ' ନାମକ ଥିଓରି ଲେଖିଲେ। ଏଥିପାଇଁ ସେ ଦଶବର୍ଷ ଧରି ଅନୁସନ୍ଧାନ କରିଥିଲେ। ପରେ ତାଙ୍କ ମା'ବାପା ମିଲାନ ସହରକୁ ଚାଲିଗଲେ। ସେ ନିଜ ସ୍କୁଲରେ ମେଡ଼ିକାଲ ସାର୍ଟିଫିକେଟ୍ ଦେଖାଇ, ପାଠ ଛାଡ଼ି କ୍ୟାରିୟର ଗଢ଼ିବା ପାଇଁ ମିଲାନ ଚାଲିଗଲେ। ସେଠାରେ ସ୍ୱିସ୍ ଫେଡେରାଲ ପଲିଟେକ୍ନିକାଲ ସ୍କୁଲରେ ପଢ଼ିବା ପାଇଁ ଆବେଦନ କଲେ। ହାଇସ୍କୁଲ୍ ସାର୍ଟିଫିକେଟ୍ ନଥିବାରୁ ସେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରୁ ନ ଥିଲେ। କିନ୍ତୁ ତାଙ୍କର ପ୍ରତ୍ୟେକ ପରୀକ୍ଷାରେ ଗଣିତ ଓ ପଦାର୍ଥ ବିଜ୍ଞାନରେ ଭଲ ନମ୍ବର ରହୁଥିବାରୁ ସ୍କୁଲରେ ନାମ ଲେଖାଇବାକୁ ଅନୁମତି ମିଳିଗଲା।

## ନୋ ପିଅନ ନୋ ୱାଟର

**ଭୀ**ମ୍‌ରାଓ ରାମ୍‌ଜୀ ଆମ୍ବେଦ୍‌କର ଭାରତୀୟ ସମ୍ବିଧାନର ପ୍ରଣେତା ଏବଂ ଆମ ଦେଶର ପ୍ରଥମ ଆଇନ ମନ୍ତ୍ରୀ। ଆମ୍ବେଦ୍‌କର ବାବାସାହେବ ନାମରେ ମଧ୍ୟ ଜଣାଶୁଣା। ପିଲାବେଳେ ସେ ଜାତିଭେଦର ଶିକାର ହୋଇଥିଲେ। ସେ ମାହାର ଜାତିର ହୋଇଥିବାରୁ ତାଙ୍କୁ ନୀଚ ଦୃଷ୍ଟିରେ ଦେଖାଯାଉଥିଲା। ସ୍କୁଲରେ ପଢ଼ିବା ସମୟରେ ଶିକ୍ଷକ ଏବଂ ସାଙ୍ଗସାଥି ତାଙ୍କୁ ଅସ୍ପୃଶ୍ୟ ଭାବେ ବ୍ୟବହାର କରୁଥିଲେ। ପାଠ ପଢ଼ିବା ସମୟରେ ତାଙ୍କୁ ଅନ୍ୟ ଛାତ୍ରମାନଙ୍କ ପରି ଏକାଠି ଗୋଟିଏ ଟେବୁଲ ବେଞ୍ଚ ବଦଳରେ ସ୍କୁଲ ବାରଣ୍ଡାରେ ବସିବାକୁ ପଡୁଥିଲା। ବସିବା ପାଇଁ ସେ ଘରୁ ଅଖା ନେଇ ଯାଉଥିଲେ। ଛୋଟବେଳେ ଆମ୍ବେଦ୍‌କର ଭଲ, ସଫା ଡ୍ରେସ୍ ପିନ୍ଧୁଥିଲେ ସୁଦ୍ଧା ତାଙ୍କୁ ସମସ୍ତେ ଘୃଣା ନଜରରେ କାହିଁକି ଦେଖୁଛନ୍ତି ତାହା ସେ ବୁଝିପାରୁ ନ ଥିଲେ। ସ୍କୁଲରେ ଥରେ ଆମ୍ବେଦ୍‌କରଙ୍କୁ ଶିକ୍ଷକ ପାଠ କରିବା ପାଇଁ ବ୍ଲାକ୍‌ବୋର୍ଡ ନିକଟକୁ ଡାକିଲେ। ସେହି ସମୟରେ ଅନ୍ୟ ଛାତ୍ରମାନେ ଡେଇଁପଡ଼ି ନିଜ ନିଜ ଟିଫିନ୍ ବକ୍ସକୁ ସେହି ସ୍ଥାନରୁ ନେଇଆସିଲେ। ସେମାନେ ଭାବୁଥିଲେ ଭୀମ୍‌ରାଓ ଖାଦ୍ୟ ଛୁଇଁଦେଲେ ତାହା ନଷ୍ଟ ହୋଇଯିବ। ସ୍କୁଲରେ ପାଣି ପିଇବାକୁ ହେଲେ ସେ ସର୍ବସାଧାରଣଙ୍କ ପାଇଁ ଥିବା ପାଣିପାତ୍ର ବ୍ୟବହାର କରିପାରୁ ନ ଥିଲେ। ତାଙ୍କୁ ପିଅନଙ୍କ ଦ୍ୱାରା ପାଣି ମଗାଇ ପିଇବାକୁ ପଡୁଥିଲା। ଯେଉଁଦିନ ପିଅନ ଆସୁ ନ ଥିଲେ ସେଦିନ ସେ ପାଣି ପିଇ ପାରୁ ନ ଥିଲେ। ଆମ୍ବେଦ୍‌କର ତାଙ୍କର ଏକ ବହିରେ ଏହି ବିଷୟରେ ଲେଖିଥିଲେ, 'ନୋ ପିଅନ ନୋ ୱାଟର'। ତେବେ ଏତେସବୁ ଅସୁବିଧା ସତ୍ତ୍ୱେ ବି ମେଧାବୀ ଛାତ୍ର ଭାବେ ଆମ୍ବେଦ୍‌କର ପ୍ରଥମ ଅସ୍ପୃଶ୍ୟ ଭାବରେ ୟୁନିଭର୍ସିଟି ଶିକ୍ଷା ସମାପ୍ତ କରିଥିଲେ।



## ଷ୍ଟ୍ରିଟ୍ ଲାଇଟ୍‌ରେ ପଢୁଥିଲେ ପାଠ

**ସ**ମାଜ ସଂସ୍କାରକ, ଲେଖକ ଏବଂ ବିଦ୍ୟାର ସାଗର ଭାବେ ପରିଚିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର। ତାଙ୍କର ପୂରା ନାମ ଈଶ୍ୱରଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ। ତାଙ୍କ ସମୟରେ କଲିକତାରେ ବୟସ୍କ ଶଯ୍ୟାଶାୟୀ ଧନୀ ବୃଦ୍ଧମାନଙ୍କ ସହ କିଶୋରୀମାନଙ୍କ ବିବାହ କରାଯାଉଥିଲା। ବୃଦ୍ଧମାନଙ୍କ ମୃତ୍ୟୁ ପରେ ଅଳ୍ପବୟସ୍କା କିଶୋରୀମାନେ ଅସହାୟ ହୋଇ ବେଶ୍ୟାବୃତ୍ତି କରୁଥିଲେ। ବିଦ୍ୟାସାଗର ବିଧବା ବିବାହ ଆଇନ ଲାଗୁ କରିବା ପାଇଁ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ତେବେ ତାଙ୍କ ପିଲାବେଳ ଥିଲା ବହୁ ସଂଘର୍ଷପୂର୍ଣ୍ଣ। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ବହୁକଷ୍ଟରେ ସେ ଚଳୁଥିଲେ। ବିଦ୍ୟାସାଗର ଜଣେ ଭଲ ଛାତ୍ର ଥିଲେ। ଗାଁ ପାଠଶାଳାରେ ସେ ସଂସ୍କୃତର ମୌଳିକ ଶିକ୍ଷା ଗ୍ରହଣ କରିଥିଲେ। ପରେ ସେ ତାଙ୍କ ବାପାଙ୍କ ସହ କଲିକତାର ବୁରାବଜାର ଅଞ୍ଚଳରେ ରହିଥିଲେ। ସ୍କୁଲ ସମୟ ପରେ ଘରେ ବାପାଙ୍କୁ ସାହାଯ୍ୟ କରୁଥିଲେ। ତାଙ୍କ ପାଖରେ ଲଣ୍ଠନ କିଣିବାକୁ ବି ପଇସା ନ ଥିଲା। ପରଦିନ ରୋଷେଇ ପାଇଁ ତେଲ ସଞ୍ଚୟ କରି ରଖିବା ଲାଗି ରାତିରେ ଷ୍ଟ୍ରିଟ୍ ଲାଇଟ୍ ତଳେ ବସି ପାଠ ପଢୁଥିଲେ। ପ୍ରଖର ବିଦ୍ୟାର ଅଧିକାରୀ ଈଶ୍ୱରଚନ୍ଦ୍ର ସବୁ ପରୀକ୍ଷାରେ ଅତି ସହଜରେ ଉତ୍ତୀର୍ଣ୍ଣ ହୋଇଯାଉଥିଲେ। ଅଳ୍ପ ବୟସରେ ସେ ବେଦାନ୍ତ, ବ୍ୟାକରଣ, ସାହିତ୍ୟ ଏବଂ ସଂସ୍କୃତର ନୈତିକତା ଶିକ୍ଷା କରିଥିଲେ। ମେଧାବୀ ଛାତ୍ର ଭାବେ ସେ ନିୟମିତ ଛାତ୍ରବୃତ୍ତି ପାଉଥିଲେ। ପରେ ସେ ନିଜ ପରିବାରର ଆର୍ଥିକ ସ୍ଥିତି ସୁଧାରିବା ପାଇଁ ଜୋରାଶଙ୍କରର ଏକ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ସଂସ୍କୃତରେ ଏକ ସାଧାରଣ ପ୍ରତିଯୋଗିତାରେ ସେ ଭାଗ ନେଇ ବିଦ୍ୟାସାଗର ଉପାଧି ପାଇଥିଲେ। ପରେ ତାଙ୍କ ନାମ ହୋଇଥିଲା ଈଶ୍ୱରଚନ୍ଦ୍ର ବିଦ୍ୟାସାଗର।



୧



ମନଦୀପ ଘୋଷ
କ୍ଲାସ୍– ୪, କାର୍ମେଲ
ଇଂଲିଶ ମିଡିୟମ
ସ୍କୁଲ, ଜଟଣୀ,
ଖୋର୍ଦ୍ଧା

୨



ଏସ୍. ଏ. ହନିଫ୍
କ୍ଲାସ୍– ୭,
ସେଣ୍ଟ ଯୋଶେଫ
ହାଇସ୍କୁଲ,
ଭୁବନେଶ୍ୱର

୩



ଭବାଂଶୀ ହୋତା
କ୍ଲାସ୍– ୬, ବିଜ୍ଞାନ
ଇଣ୍ଟରନ୍ୟାଶନାଲ୍
ସ୍କୁଲ, ଜୟପୁର,
କୋରାପୁଟ

୪



କାରୁବାକୀ ସିଂହ
କ୍ଲାସ୍– ୫, ଓଡିଏମ୍
ପବ୍ଲିକ୍ ସ୍କୁଲ,
ଭୁବନେଶ୍ୱର

୫



ଶାନ୍ତନୁ ଶାନ୍ତିସ୍ୱରୂପ
କ୍ଲାସ୍– ୨, ୟୁପି ସ୍କୁଲ,
ଅରିଶାଳ,
ଜଟଣୀ, ଖୋର୍ଦ୍ଧା

୬



ଓମ୍‌ପ୍ରକାଶ ବାରିକ
କ୍ଲାସ୍– ୭, ବସନ୍ତପୁର
ଇଂଲିଶ ମିଡିୟମ
ସ୍କୁଲ, ମୁର୍ଶିଦାବାଦ,
କୋଲକାତା

୭



ଦିବ୍ୟଶ୍ରୀ ମଙ୍ଗରାଜ
କ୍ଲାସ୍–୮, ପଞ୍ଚାୟତ
ହାଇସ୍କୁଲ,
ମହୁଲ,ଜଟଣୀ,
ଖୋର୍ଦ୍ଧା

୮



ମନୀଷା ମଲ୍ଲିକ
କ୍ଲାସ୍–୮,
ମ୍ୟୁନିସିପାଲିଟି
ହାଇସ୍କୁଲ, କଟକ

୯



ଗୁରୁଦେବ ଚଲାନ
କ୍ଲାସ୍–୩, ଏନ୍‌ପିଏସ୍
ଖଲିଆପାଲ୍ଲୀ,
ବରଗଡ଼


୧୦



ଶୁଭ୍ରଦୀପ ମାଣିକ
କ୍ଲାସ୍–୩,
ଜଳେଶ୍ୱର ପବ୍ଲିକ
ସ୍କୁଲ, ଜଳେଶ୍ୱର,
ବାଲେଶ୍ୱର




୧



୨




୩



୪





୫



୬



୭



୮



୯



୧୦

## ଗିନିଜ୍ ୱାର୍ଲ୍ଡ ରେକର୍ଡ



# ଦ୍ରୁତ ବେଗରେ ପଞ୍ଚିଙ୍ଗ୍ କରି ରେକର୍ଡ

**ପି**ଲାମାନେ ଜାଣି ଆଶ୍ଚର୍ଯ୍ୟ ହେବ ୧୦୦ଥର ଦ୍ରୁତ ବେଗରେ ପଞ୍ଚିଙ୍ଗ୍ କରି ଗିନିଜ ରେକର୍ଡରେ ସ୍ଥାନ ପାଇଛନ୍ତି ଦିଲ୍ଲୀର ୫ବର୍ଷୀୟ ଅରିନ୍ଦମ ଗୌର। ସିଏ ଏକାଥରକେ ୧୦୦ଥର ବକ୍ସିଂ ବ୍ୟାଗକୁ ପଞ୍ଚ୍ ମାରି ଗିନିଜ୍ ୱାର୍ଲଡ ରେକର୍ଡରେ ନିଜକୁ ସ୍ଥାନିତ କରିଛନ୍ତି। ବକ୍ସିଂ ବ୍ୟାଗ୍‌କୁ ୧୦୦ଥର ପଞ୍ଚ୍ ମାରିବା ପାଇଁ ସେ ୧୩ସେକେଣ୍ଡ ସମୟ ନେଇଥିଲେ। ଅରିନ୍ଦମ ବକ୍ସିଂ କରିବାକୁ ବହୁତ ଭଲ ପାଆନ୍ତି ଏବଂ ସେ ବଡ଼ ହୋଇ ଜଣେ ବଡ଼ ବକ୍ସର ହେବାକୁ ଲକ୍ଷ୍ୟ ରଖିଛନ୍ତି। ସକାଳେ ଏବଂ ସନ୍ଧ୍ୟା ସମୟରେ ୩ଘଣ୍ଟା ଲେଖାଏ ସେ ବକ୍ସିଂ ଅଭ୍ୟାସ କରନ୍ତି। ସେ ପ୍ରଥମ ଶ୍ରେଣୀରେ ପଢ଼ନ୍ତି ଏବଂ ତାଙ୍କର ପ୍ରିୟ ବକ୍ସର ହେଲେ ମ୍ୟାରି କମ୍। ତାଙ୍କ ବାପା ଅରୁନ ଗୌର କୁହନ୍ତି ଥରେ ସେ ଅରିନ୍ଦମକୁ ଖବରକାଗଜରେ ୱାର୍ଲଡ ରେକର୍ଡ କରିଥିବା ଏକ ଛୋଟ ଛୁଆର ଖବର ଦେଖାଉଥିଲେ। ଏ ସବୁ ଦେଖି ଅରିନ୍ଦମ ମଧ୍ୟ ୱାର୍ଲଡ ରେକର୍ଡ କରି ଦେଖେଇବ ବୋଲି କହିଥିଲା। ସେବେଠାରୁ ସେ ତାଙ୍କ ପୁଅକୁ ଟ୍ରେନିଂ ଦେଉଥିଲେ। ନିଜର ଇଚ୍ଛାଶକ୍ତି ଯୋଗୁ ଅରିନ୍ଦମ ୫ବର୍ଷ ବୟସରେ ଦ୍ରୁତ ବେଗରେ ୧୦୦ଥର ବକ୍ସିଂ ବ୍ୟାଗକୁ ପଞ୍ଚ୍ କରି ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛନ୍ତି।

## ଏଥରର

- ଭାରତର ଦ୍ୱିତୀୟ ନୋବେଲ ବିଜେତା ?
- ପୃଥିବୀର ଦ୍ୱିତୀୟ ସାନ ମହାଦେଶ କେଉଁଟି ?
- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) କେଉଁଠି ଅବସ୍ଥିତ ?
- ଦାଦ୍ରାନଗର ହାବେଳିର ରାଜଧାନୀ କ'ଣ ?
- ସୂଚନା ଅଧିକାର ଆଇନ କେବେ କାର୍ଯ୍ୟକାରୀ ହୋଇଥିଲା ?

## ଗତଥରର ଉତ୍ତର

- ନିଲ୍ ଆମଷ୍ଟ୍ରଙ୍ଗ୍
- ରାକେଶ ଶର୍ମା
- କଙ୍ଗୋ ନଦୀ
- ଡଚ୍
- ସତୋଶୀ ନାକାମୋଟ

## କହିଲ ଦେଖି

୧) ପକ୍ଷୀଟେ ପରି ଆକାଶେ ଉଡ଼େ
ଲାଞ୍ଜକୁ ଝାଡ଼ି ଝାଡ଼ି
ସଜୀବ ନୁହେଁ ନିର୍ଜୀବ ସିଏ
ନୁହଁଇ କେଉଁ ଗାଡ଼ି
କାଗଜେ ଗଢ଼ା ଦେହଟି ତା'ର
ନ ଥାଏ ଯନ୍ତ୍ରପାତି
ମକର ଯେବେ ଆସେ ଧରାକୁ
ବଢ଼ଇ ତା'ର ଖ୍ୟାତି।

ଉ- ଗୁଡ଼ି



୨) ସୂର୍ଯ୍ୟଙ୍କ ଗତି ବଦଳିଯାଏ
ଉତ୍ତରାୟଣର ପଥେ
ଧନୁ ରାଶିକୁ ଛାଡ଼ିଣ ରବି
ଚାଲନ୍ତି ମକର ସାଥେ।
ଏହି ଦିନରୁ ରବି କିରଣ
ହୁଅଇ ଧୀରେ ପ୍ରଖର
ସଂକ୍ରାନ୍ତି ମାତା ହାତରେ ବଧ
ହେଲେ ସଙ୍କରାସୁର।

ଉ-ମକର ସଂକ୍ରାନ୍ତି



୩) ଅମଳ ଋତୁର ସମାପନ
ପରେ
ପ୍ରଥମ ପରବ ଇଏ
ବନ୍ଧୁତ୍ୱର ପର୍ବ ନାମେ ବିରାଜିତ
ଯାହାକୁ ସମାଜ କୁହେ।
ଏହି ପରବରେ ବନ୍ଧୁତ୍ୱ ସ୍ଥାପନ୍ତି
ଯେଉଁ ଦରବକୁ ଖୋଇ
ସେ ଦରବ ବହୁତ ପ୍ରସିଦ୍ଧ
କିଏ ସେ ପାରିବ କହି।

ଉ- ମକର ଚାଉଳ



-ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର
ମୋ-୮୮୯୨୩୦୧୧୪୩

## କବିତା



### ଆସ ନେତାଜୀ

**ଓ**ଡ଼ିଆ ମାଟିରେ ଜନମି ଥିଲ
ମହାନ୍ ବୀର ତୁମେ
ପିଲାଟି ବେଳୁ ସାହସୀ ଭାରି
ଆପଣା ସବୁ ଜନେ।
ନିଜେ ନ ଖାଇ ଆହାର ସବୁ
ଭୋକିଲା ମୁହେଁ ଦେଇ,
ମହାମାରୀରେ ରୋଗୀଙ୍କ
ସେବା
କରିବ ଆଗ ଯାଇ।
ବିଦେଶ ଯାଇ ପାଠ ପଢ଼ିଲେ
ସବୁଠୁ ଆଗୁଆ ହୋଇ
ଚିନ୍ତିଲ ମନେ ବ୍ରିଟିଶ୍ ରାଜ୍ୟେ
ରହିବି କାହିଁ ପାଇଁ।
ଇଂରେଜମାନେ ହଟିବେ ଦେଶୁ
ମନରେ କରି ପଣ
ଆମ ରକତ ଶକତି ବଳେ
ଦେଶ ହେବ ସ୍ୱାଧୀନ।
ଆଜାଦ୍ ହିନ୍ଦ୍ ଫଉଜ ଗଢ଼ି
ସଭିଙ୍କୁ ଏକ କଲ
ଜୟହିନ୍ଦ୍‌ର ସ୍ଲୋଗାନ୍ ଦେଇ
'ନେତାଜୀ' ନାମ ନେଲ।
ଭାରତ ମାତା ସ୍ୱାଧୀନ ପାଇଁ
ମନକୁ କରି ଦୃଢ଼
ଦେଶ ପାଇଁକି ଜୀବନ ଦେଲ
ବିପ୍ଳବୀ ମହାବୀର।
ଆମନେତାଜୀ ଅଛକେଉଁଠି
ଆସ ହେ ଆସ ତୁମେ
ଝୁରୁଛି ଦେଶ ଝୁରେ ଏ ମାଟି
ଏଥର ଜନମ ଦିନେ।

-କବିତା ମିଶ୍ର
ନୀଳାଦ୍ରୀବିହାର, ଭୁବନେଶ୍ୱର-୨୧

### ଗୁଡ଼ି

**ସୁ**ଲୁସୁଲୁ ବାଆ ଝୁମୁର ଝାଇଁ
ଗୁଡ଼ି ମୋ ଉଡୁଛି ସାଇଁ ସାଇଁ।
ଗୁଡ଼ିଟି ମୋହର ରଙ୍ଗରଙ୍ଗିଆ
ଦେଖିଲେ ଲାଗେ ଭାରି ବଢ଼ିଆ।
ନଟେଇରୁ ସୂତା ଗଲେ ଯେ ଖସି
ଲୋଟାଣି ଖାଇ ଉଠୁଛି ବେଶି।
ଆକାଶ କୋଳରେ ଗାଉଛି ଗୀତ
ଗୁଡ଼ିଟି ମୋହର ପରାଣ ମିତ।
ଆସ ସାଙ୍ଗସାଥି ସଭିଏଁ ମିଶି
ଉଡ଼ାଇବା ଗୁଡ଼ି ହୋଇଣ ଖୁସି।

-ରାହାସ କୁମାର ବେହେରା
ବାଲ୍ୟମ୍ଭା, ଭାପୁର, ଢେଙ୍କାନାଳ

### ଶପଥ

**ଯେ**ତେ ରାଗରୁଷା ମାନ ଅଭିମାନ
ସବୁକୁ ପଛରେ ପକେଇ
ଆସ ନାଚି ଗାଇ ଖୁସିରେ ଝୁମିବା
ହାତକୁ ହାତରେ ମିଶେଇ।
ପୁରୁଣା ଦିନକୁ ମନରୁ ପାସୋରି
ନୂଆକୁ କରିବା ସ୍ୱାଗତ
ସେବା ମନନେଇ କରିବାକୁ କାର୍ଯ୍ୟ
ଚାଲ ନେବା ଆଜି ଶପଥ।
ଭୋକିଲାକୁ ଦେବା ମୁଠାଏ ଆହାର
ଜୀବ ପ୍ରତି ରଖି ଦୟାରେ
ମିଳିମିଶି ସବୁ ହୋଇବା ଏକାଠି
ଆସୁ ଯେତେ ଝଡ଼ଝଞ୍ଜାରେ।
ଗୋଟାଏ ସୂତାରେ ଆମେ ତ ଗୁନ୍ଥାରେ
ଛୋଟ ଛୋଟ ଟିକି କଳିକା
କାଲି ସକାଳର ଆମେ ଭବିଷ୍ୟତ
କିଏ ଅଛି ଆମ ଭଳିକା।
ପାଠ ପଢ଼ି ଭଲ ମଣିଷ ହୋଇବୁ
ରଖିବୁ ଦେଶର ନାଆଁରେ
ଆଜି କଢ଼ି ଅଛୁ କାଲି ଫୁଟିଗଲେ
ବାସ ଚହଟିବ ଗାଆଁରେ।

-ପ୍ରକାଶ କୁମାର ଚାନ୍ଦ
ଜୟପୁର ଶାସନ, ପିପିଲି, ପୁରୀ



### ଉଡ଼ି ଉଡ଼ି ଉଡ଼ି ଯା' ରେ ଗୁଡ଼ି

**ଉ**ଡ଼ି ଉଡ଼ି ଉଡ଼ି ଯା'ରେ ଗୁଡ଼ି
ନୀଳ ଆକାଶରେ ପକ୍ଷୀଟି ପରି।
ରଙ୍ଗ ବିରଙ୍ଗ ତୋ ରଙ୍ଗେ ସଜେଇ
ନୀଳ ଆକାଶକୁ ଦେ ରଙ୍ଗେଇ।
ମକରେ ସୁରୁଜ ବଦଳ ଆଜି
ଚାହିଁଛି ତୋ ପାଇଁ ପଥକୁ ସାଜି।
କେତେ ରଙ୍ଗେ ଭରା ଗୁଡ଼ି ମୋହରି
ଉଡି ଯା' ଆକାଶେ ରଙ୍ଗକୁ ଭରି।

-ଅର୍ଚ୍ଚନା କର
ନୟାପଲ୍ଲୀ, ବେହେରାସାହି, ଭୁବନେଶ୍ୱର

## ତୁମ ପଢ଼ିବା ପାଇଁ

### ଟିକି ଚଢ଼େଇ


**ପି**ଲାମାନେ ସାଧାରଣତଃ ଗପ, କବିତା, ପ୍ରବନ୍ଧ, ଲୋକକଥା ଆଦି ପଢ଼ିବାକୁ ଖୁବ୍ ଭଲପାଆନ୍ତି। ଯେଉଁଥିରୁ ସେମାନେ ଅନେକ ନୀତିଶିକ୍ଷା ଗ୍ରହଣ କରିଥାନ୍ତି। ଏଭଳି ପ୍ରୟାସ କରାଯାଇଛି ଗୀତାରାଣୀ ସାହୁଙ୍କ ଦ୍ୱାରା ଲିଖିତ 'ଟିକି ଚଢ଼େଇ'ରେ। ଏଥିରେ ରହିଛି ଆମକୁ ନ୍ୟାୟ ଦିଅ, ଆସ ଗଛ ଲଗାଇବା, ସରସ୍ୱତୀ ବନ୍ଦନା, ଅଜାଙ୍କ ମୁଣ୍ଡବ୍ୟଥା, ପାଣି ପିଇବା ଛାଣି, ଗୁରୁଦିବସ, ଜଳଚକ୍ର, ପରଜାପତିରେ ପରଜାପତି, ଆମେ ଓଡ଼ିଆ -ଭାଷ ବଢ଼ିଆ, ସ୍ୱାଧୀନତା ଦିବସ, ବରଷାରାଣୀ, ମୋ ଘର ଭଳି ଅନେକ ଉପାଦେୟ କବିତା। ଏହାର ମୂଲ୍ୟ ରହିଛି ମାତ୍ର ୮୫ ଟଙ୍କା। ଯୋଗାଯୋଗ ଠିକଣା-ସୁଚିତ୍ରା ପବ୍ଲିକେଶନ, ଡଇଁଚା, ରେଢ଼ାଖୋଲ, ସମ୍ବଲପୁର



# ଜଣା ଅଜଣା

## ପୃଥିବୀର କ୍ଷୁଦ୍ର ଦେଶ

ପିଲାମାନେ ଜାଣିଛ କି ? ପୃଥିବୀର ସବୁଠାରୁ କ୍ଷୁଦ୍ର ଦେଶ ହେଉଛି ଭାଟିକାନ୍ ସିଟି। ଏହାର ପରିସୀମା ୪୪ ହେକ୍ଟର ହୋଇଥିବା ବେଳେ, ୨୦୧୯ ଜନଗଣନା ଅନୁଯାୟୀ ଏଠାରେ ମାତ୍ର ୮୫୦ ଜଣ ଲୋକ ବାସ କରନ୍ତି।



## ବିନା ମୁଣ୍ଡରେ ବଞ୍ଚିପାରେ ଅସରପା




ଜାଣିଲେ ଆଶ୍ଚର୍ଯ୍ୟ ହେବ, ଅସରପାମାନେ ବିନା ମୁଣ୍ଡରେ ସପ୍ତାହେ ପର୍ଯ୍ୟନ୍ତ ବଞ୍ଚିପାରନ୍ତି। କାରଣ, ଏମାନଙ୍କର ସମ୍ପୂର୍ଣ୍ଣ ଶରୀର ମସ୍ତିଷ୍କ ନିୟନ୍ତ୍ରଣରେ ନ ଥାଏ।



## କାନ ନଥିବା ପ୍ରାଣୀ

ପିମ୍ପୁଡ଼ି ହେଉଛି ଏକ କ୍ଷୁଦ୍ର ପ୍ରାଣୀ, ଯାହାର କାନ ନ ଥାଏ। ଏମାନେ କୌଣସି ଶବ୍ଦକୁ ଶୁଣି ପାରୁ ନ ଥିବାବେଳେ ଭୂମିର କମ୍ପନ ଦ୍ୱାରା ଶବ୍ଦକୁ ଜାଣିପାରନ୍ତି।



## ବରଫ ଆଚ୍ଛାଦିତ ମହାଦେଶ

ମହାଦେଶ ମଧ୍ୟରେ ଆଣ୍ଟାର୍କଟିକା ଅନ୍ୟତମ, ଯାହା ବରଫ ଦ୍ୱାରା ଆଚ୍ଛାଦିତ। ୧୯୮୩ ମସିହାରେ ଏଠାରେ ତାପମାତ୍ରା ସର୍ବାଧିକ -୮୯.୨° ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିଲା।

## ଜନ୍ମ ପରେ ଚାଲିପାରେ ହାତୀ ଛୁଆ

ପିଲାମାନେ ଜାଣିଛ କି ହାତୀଛୁଆ ଜନ୍ମ ହେବାର ମାତ୍ର ୨୦ ମିନିଟ୍ ମଧ୍ୟରେ ଛିଡ଼ା ହୋଇପାରେ ଏବଂ ୧ ଘଣ୍ଟା ମଧ୍ୟରେ ଚାଲିବା ଆରମ୍ଭ କରେ। ଖାଦ୍ୟ ଅନ୍ୱେଷଣ ପାଇଁ ମଧ୍ୟ ଏମାନେ ୨ ଦିନ ଭିତରେ ପ୍ରସ୍ତୁତ ହୋଇଯାଆନ୍ତି।



# ଆଇନା



ସାଇନା
୧୨ ବର୍ଷ

ଆର୍ଯ୍ୟ ଅଭିପ୍ସା
୧୧ ବର୍ଷ



ବର୍ଣିଂକା
୧୧ ବର୍ଷ

